بِسۡمِ اللّٰہِ الرَّحۡمٰنِ الرَّحِیۡمِ

୩୦ ଜାନୁଆରୀ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ଈଶ୍ୱରପ୍ରେମର ବିଶ୍ୱାସବର୍ଦ୍ଧକ ଓ ହୃଦୟଗ୍ରାହୀ ଆଲୋଚନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଊଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କ ଈଶ୍ୱରପ୍ରେମର ଅଗଣିତ ଘଟଣାବଳୀ ରହିଛି । ବରଂ ମହାଭାଗଙ୍କ ପ୍ରତ୍ୟେକ କର୍ମ ଓ ଘଟଣା ଏହି କଥାର ପରିପ୍ରକାଶ କରୁଅଛି, ଯେ ପୁଣ୍ୟଶ୍ଳୋକଙ୍କ ହୃଦୟରେ ପ୍ରତ୍ୟେକ ମୁହୂର୍ତ୍ତରେ ଈଶ୍ୱରପ୍ରେମର ଏକ ସମୁଦ୍ର ପ୍ରବାହିତ ହେଉଥିଲା । ତାହାର ଏକ ନମୁନା ଓ୍ୱହଦ୍ ଯୁଦ୍ଧରେ ଦେଖିବାକୁ ମିଳିଥାଏ । ଯେଉଁସ୍ଥଳେ ମହାଭାଗଙ୍କ ଉତ୍କଣ୍ଠିତ ଈଶ୍ୱରପ୍ରେମର ଅଭୂତପୂର୍ବ୍ବ ଓ ବିଭୋର ହେବା ଦୃଶ୍ୟ ଦେଖିବାକୁ ମିଳିଥାଏ ।

ହଜରତ ବରା[ର.ଅ] ବର୍ଣ୍ଣନା କରନ୍ତି; ଓ୍ୱହଦ୍ ଯୁଦ୍ଧଦିନ ଆମେମାନେ ଅନେକେଶ୍ୱରବାଦୀଙ୍କ ସହିତ ମୁହାଁମୁହିଁ ହେଲୁ । ହୁଜୁର[ସ.ଅ] ତୀର ନିକ୍ଷେପକାରୀଙ୍କର ଏକ ଦଳ ଚୟନ କଲେ ଓ ହଜରତ ଅବ୍ଦୁଲ୍ଲାଃ[ର.ଅ]ଙ୍କୁ ତାଙ୍କର ଅମିର୍ ନିଯୁକ୍ତ କଲେ । ପୁଣି ତାଙ୍କୁ ଉପଦେଶ ଦେଲେ, ଯଦି ତୁମେ ଦେଖ ଯେ ଆମେମାନେ ଶତ୍ରୁକୁ ପରାସ୍ତ କରି ଦେଇଛୁ, ତଥାପି ନିଜ ସ୍ଥାନରୁ ପୃଥକ ହେବ ନାହିଁ । ଆଉ ଯଦି ଦେଖ ଯେ ଶତ୍ରୁ ଆମ ଉପରେ ବିଜୟ ପ୍ରାପ୍ତ କରି ନେଇଛି, ତେବେ ବି ଆମ ସହାୟତା କରିବାକୁ ଆସିବ ନାହିଁ । ଅର୍ଥାତ୍ ବିଜୟ ଓ ପରାଜୟ ଉଭୟ ପରିସ୍ଥିତିରେ ତୁମେମାନେ ନିଜ ସ୍ଥାନରେ ଅଟଳ ରହିବ । ବର୍ଣ୍ଣନାକାରୀ ବର୍ଣ୍ଣନା କରନ୍ତି, ଯେତେବେଳେ ଶତ୍ରୁ ଓ ଆମ ମଧ୍ୟରେ ମୁକାବିଲା ହେଲା ସେତେବେଳେ ଶତ୍ରୁ ରଣକ୍ଷେତ୍ରରୁ ପଳାୟନ କଲା । ଏପରିକି ମୁଁ ଅନେକେଶ୍ୱରବାଦୀଙ୍କ ମହିଳାମାନଙ୍କୁ ଦେଖିଲି ସେମାନେ ପର୍ବତ ଆଡ଼କୁ ପଳାୟନ କରୁଥିଲେ । ଏଥିରେ ମୁସଲମାନମାନେ କହିବା ଆରମ୍ଭ କରିଦେଲେ ମାଲେ ଗନିମତ୍, ମାଲେ ଗନିମତ୍ ଅର୍ଥାତ୍ ଯୁଦ୍ଧ ଅର୍ଜିତ ଧନ (ଜମା କରିନିଅ) । କିନ୍ତୁ ହଜରତ ଅବ୍ଦୁଲ୍ଲାଃ ମୁସଲମାନମାନଙ୍କୁ ସେଥିରୁ ବିରତ ରହିବା ପାଇଁ କହୁଥିଲେ ଓ ଏହା ମଧ୍ୟ କହିଲେ; ମହାଭାଗ ମୋତେ ତାଦିଗ କରିଛନ୍ତି ଯେ ତୁମେମାନେ ନିଜ ସ୍ଥାନରୁ ହଟିବ ନାହିଁ । ପରନ୍ତୁ ଯେତେବେଳେ ମୁସଲମାନମାନେ ଦର୍‌ରା (ଗିରିପଥ) ଛାଡ଼ି ମାଲେ ଗନିମତ୍ ଆଡ଼କୁ ଚାଲି ଆସିଲେ ସେତେବେଳେ ଅଲ୍ଲାଃତାଲା ମଧ୍ୟ ସେମାନଙ୍କ ଠାରୁ ବିମୁଖ ହୋଇଗଲେ । ଆଉ ଯୁଦ୍ଧର ପରିଣାମ ପାଲଟି ଗଲା ଓ ଶତ୍ରୁ ପୁନର୍ବାର ଆକ୍ରମଣ କରିଦେଲା । ଫଳରେ ୭୦ଜଣ ମୁସଲମାନ ଶହିଦ୍ ହୋଇଗଲେ । ବର୍ଣ୍ଣନାକାରୀ କୁହନ୍ତି; ନବୀ କରିମ୍[ସ.ଅ] ନିଜ ସାଥୀମାନଙ୍କ ସମେତ ପର୍ବତ ଉପରକୁ ଚଢ଼ି ଶରଣ ନେଲେ । ତେବେ ଶତ୍ରୁ ପକ୍ଷର ସର୍ଦ୍ଦାର ଅବୁ ସୁଫୟାନ୍ ଏକ ଉଚ୍ଚ ସ୍ଥାନରେ ପହଞ୍ଚି ଉଚ୍ଚସ୍ୱରରେ ପଚାରିଲା, କ'ଣ ତୁମମାନଙ୍କ ମଧ୍ୟରେ ମୁହମ୍ମଦ[ସ.ଅ] ଅଛନ୍ତି ? ଏଥିରେ ମହାଭାଗ ସାହାବାଙ୍କୁ କହିଲେ; ତାହାର ଉତ୍ତର ଦିଅ ନାହିଁ । ପୁନଶ୍ଚ ସେ ଦୁର୍ବୃତ୍ତ ପଚାରିଲା, କ'ଣ ତୁମମାନଙ୍କ ମଧ୍ୟରେ ଉମର୍ ବିନ୍ ଖତାବ୍ ଅଛନ୍ତି ? ଏଥିରେ ମଧ୍ୟ ଅପରପକ୍ଷରୁ କୌଣସି ଉତ୍ତର ମିଳିଲା ନାହିଁ । ବସ୍ତୁତଃ ଅବୁ ସୁଫୟାନ୍ କହିବାକୁ ଲାଗିଲା, ଏସମସ୍ତେ ନିହତ ହୋଇଯାଇଛନ୍ତି । କାରଣ ଯଦି ଜୀବିତ ଥାନ୍ତେ ତେବେ ନିଶ୍ଚୟ ଉତ୍ତର ଦେଇଥା'ନ୍ତେ ।

ସେତେବେଳେ ହଜରତ ଉମର[ର.ଅ] ନିଜ ଉପରେ ଆଉ କାବୁ ରଖି ପାରିଲେ ନାହିଁ, ଏବଂ ତାକୁ ସମ୍ବୋଧନ କରି କହିଲେ; ହେ ଅଲ୍ଲାଃର ଶତ୍ରୁ ! ତୁ ମିଛ କହିଛୁ । ଅଲ୍ଲାଃ ତୁମ ମୁକାବିଲାରେ ତାଙ୍କୁ ଜୀବିତ ରଖିଛନ୍ତି, ଯିଏକି ତୁମକୁ ଅପଦସ୍ତ କରିବ । ତେବେ ଅବୁ ସୁଫୟାନ୍ ଶ୍ଳୋଗାନ ଦେଲା, ହୁବୁଲ୍ ଠାକୁରଙ୍କର ଜୟ । ଯେତେବେଳେ ସେ ଏପରି କହିଲା ସେତେବେଳେ ମହାଭାଗ ବ୍ୟତିବ୍ୟସ୍ତ ଓ ବିବ୍ରତ ହୋଇ ଉଠିଲେ ଓ କହିଲେ; ତୁମେମାନେ ଏହାର ଉତ୍ତର ଦିଅ । ଏଥିରେ ସାହାବା[ର.ଅ] ପଚାରିଲେ, ଆମେ କ'ଣ ଉତ୍ତର ଦେବୁ ? ମହାଭାଗ କହିଲେ; ତୁମେମାନେ କୁହ- ଅଲ୍ଲାଃ ହିଁ ଶ୍ରେଷ୍ଠ, ଗୌରବମୟ ଓ ମହାନ । ପୁଣି ଅବୁ ସୁଫୟାନ୍ କହିଲା; ଆମମାନଙ୍କ ପାଇଁ ଆମର ଇଷ୍ଟଦେବତା ଉଜ୍ଜା ଅଛି । କିନ୍ତୁ ତୁମମାନଙ୍କର କୌଣସି ଉଜ୍ଜା ନାହିଁ । ମହାଭାଗ କହିଲେ; ତୁମେମାନେ ଏହାର ଉତ୍ତର ଦିଅ । ଏଥିରେ ସାହାବା[ର.ଅ] କହିଲେ, ଆମେ କି ଉତ୍ତର ଦେବୁ ? ହୁଜୁର[ସ.ଅ] କହିଲେ; **ତୁମେମାନେ କୁହ- ଅଲ୍ଲାଃ ଆମର ସହାୟକ କିନ୍ତୁ ତୁମର କେହି ସହାୟକ ନାହାନ୍ତି ।**

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ପୁଣ୍ୟଶ୍ଳୋକଙ୍କର ନିଜ ଈଶ୍ୱରଙ୍କ ପ୍ରତି ଯେଉଁ ପ୍ରେମଭାବ ରହିଥିଲା ସେଥିରେ ଶିରକ୍ (ଅନ୍ୟକୁ ଅଲ୍ଲାଃତାଲାଙ୍କ ସମତୁଲ୍ୟ)ର ନିମିତ ମାତ୍ର ମଧ ପ୍ରଭାବ ନଥିଲା । ହୁଜୁର ଅନଓ୍ୱର[ଅ.ବ] କହିଲେ; ପୁଣ୍ୟଶ୍ଳୋକ ଏଥିପ୍ରତି ବିଶେଷ ଭାବରେ ଚିନ୍ତିତ ରହୁଥିଲେ, ଯେ ଲୋକମାନେ କବର (ସମାଧି)କୁ ଉପାସନାର ସ୍ଥାନ କରି ନଦିଅନ୍ତୁ । କିନ୍ତୁ ଦୁର୍ଭାଗ୍ୟବଶତଃ ଆଜି ଏହା ବିପରୀତ ହିଁ କାର୍ଯ୍ୟ କରାଯାଉଛି । ମୁସଲମାନମାନେ ପିର୍ ଫକିରଙ୍କ କବରକୁ ଯାଇ ପୂଜା କରୁଛନ୍ତି । ଆଉ ତାହା ସାମ୍ନାରେ ନତମସ୍ତକ ହେଉଛନ୍ତି । ହଜରତ ଆଏଶା[ର.ଅ] ବର୍ଣ୍ଣନା କରନ୍ତି, ନବୀଶ୍ରେଷ୍ଠ ନିଜର ଶେଷ ବ୍ୟାଧି ଯେଉଁଥିରେ ପୀଡ଼ିତ ହୋଇ ଦେହତ୍ୟାଗ କଲେ ଅର୍ଥାତ୍ ନିଜର ଶେଷ ସମୟରେ କହିଲେ; ୟହୁଦି ଓ ଖ୍ରୀଷ୍ଟଧର୍ମାବଲମ୍ବୀଙ୍କ ଉପରେ ଅଲ୍ଲାଃତାଲାଙ୍କ ଅଭିଶାପ ପଡୁ କାରଣ ସେମାନେ ନିଜ ଅବତାରମାନଙ୍କ କବରଗୁଡ଼ିକୁ ସଜଦାଃର ସ୍ଥାନ କରିଦେଲେ । ହଜରତ ଆଏଶା[ର.ଅ] କୁହନ୍ତି; ଯଦି ମହାଭାଗ ଏକଥା କହି ନଥା'ନ୍ତେ, ତେବେ ମହାଭାଗଙ୍କ ସମାଧିକୁ ମଧ ଉନ୍ମୁକ୍ତ ରଖିଦିଆ ଯାଇଥା'ନ୍ତା । କିନ୍ତୁ ମୁଁ ଭୟ କରୁଅଛି ଯେ (ଲୋକମାନେ) ତାହାକୁ ମସଜିଦ୍ କରି ନନିଅନ୍ତୁ । ତେଣୁ ସେଠାରେ ଖାଲି ସ୍ଥାନ ରଖାଗଲା ନାହିଁ । ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆଜିକାଲି ତ ସେଠାକାର ପ୍ରଶାସନ ତାହା ଆଖପାଖରେ ବିଧିବଦ୍ଧ ଭାବରେ ବ୍ୟବସ୍ଥା କରିଛି, ସୁଦୃଢ଼ ହତା ରହିଛି ଓ ପାଚେରୀ ରହିଛି, ଯଦ୍ୱାରା କୌଣସି ପ୍ରକାର ଶିରକ୍‌କୁ ପ୍ରଶୟ ଦେବାର ବିକଳ୍ପ ନାହିଁ । ତେବେ ସେ ଯାହା ହେଉ ଅତି କମ୍‌ରେ ସେମାନେ ଏହି କାର୍ଯ୍ୟଟି ଭଲ କରିଛନ୍ତି ।

ଅଧିକନ୍ତୁ ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ତା'ପରେ ଈଶ୍ୱରଙ୍କ ଏକତ୍ୱ ପରିପ୍ରେକ୍ଷୀରେ ବର୍ଣ୍ଣନା ମିଳୁଅଛି । ହଜରତ ଅବି ବିନ୍ କାବ୍[ର.ଅ]ଙ୍କ ଦ୍ୱାରା ବର୍ଣ୍ଣିତ ଯେ ଅନେକେଶ୍ୱରବାଦୀମାନେ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କୁ କହିଲେ; ଆପଣ ନିଜ ଗୋତ୍ର ଆମମାନଙ୍କୁ କୁହନ୍ତୁ । ଏଥିରେ ପରାକ୍ରମୀ ଅଲ୍ଲାଃ ଏହି ଆୟତ ଅବତୀର୍ଣ୍ଣ କଲେ; କୁଲ୍‌ହୁଅଲ୍ଲାହୁ ଅହଦ୍ ଅଲ୍ଲାହୁସ୍ ସମଦ୍ । ଅର୍ଥାତ୍ 'ଅଲ୍ଲାଃ ଏକ, ତାଙ୍କ ଉପରେ ସମସ୍ତେ ନିର୍ଭରଶୀଳ । ସେ କାହାକୁ ପ୍ରସବ କରି ନାହାନ୍ତି କି ତାହାଙ୍କୁ ପ୍ରସବ କରାଯାଇ ନାହିଁ ।' ଯେକେହି ଜନ୍ମ ଗ୍ରହଣ କରିଥାଏ, ତାହାର ଅନ୍ତ ହେବା ସୁନିଶ୍ଚିତ । ଆଉ ଯେ ମୃତ୍ୟୁବରଣ କରିଥାଏ ତାହାର ଉତ୍ତରାଧିକାରୀ ମଧ ହୋଇଥା'ନ୍ତି । ସର୍ବଶକ୍ତିମାନ ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଏପରି ପବିତ୍ର ଯେ ନା ତାଙ୍କର ଅନ୍ତ ହେବ, ନା ତାଙ୍କର କେହି ଉତ୍ତରାଧିକାରୀ ହୋଇପାରିବ । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ହଜରତ ଜୈଦ୍ ବିନ୍ ଖାଲିଦ୍[ର.ଅ] ବର୍ଣ୍ଣନା କରନ୍ତି, ହୁଦେବିୟା ସ୍ଥଳେ ରାତ୍ର ସମୟରେ ବର୍ଷା ହେବା ପରେ ମହାଭାଗ ଆମମାନଙ୍କୁ ଫଜର୍ (ପ୍ରାତଃ କାଳର) ନମାଜ ପାଠ କରାଇଲେ । ଯେତେବେଳେ ହୁଜୁର[ସ.ଅ] ନମାଜ ସମାପ୍ତ କଲେ ସେତେବେଳେ ଲୋକମାନଙ୍କୁ ସମ୍ବୋଧନ କରି କହିଲେ; ତୁମେମାନେ ଜାଣ ଯେ ତୁମମାନଙ୍କ ପାଳନକର୍ତ୍ତା କ'ଣ କହିଛନ୍ତି ?

ଲୋକମାନେ କହିଲେ; ଅଲ୍ଲାଃ ଓ ତାହାଙ୍କ ରସୁଲ ଭଲ ଭାବରେ ଜାଣନ୍ତି । ତହୁଁ ମହାଭାଗ କହିଲେ; ଅଲ୍ଲାଃତାଲା କହିଛନ୍ତି; ମୋ ଭକ୍ତମାନଙ୍କ ମଧ୍ୟରୁ କିଛି ଏପରି ରାତ୍ରି ଜାପନ କଲେ ଯେ ସେମାନେ ଆମ୍ଭ ଉପରେ ବିଶ୍ୱାସ ସ୍ଥାପନ କରିଥିଲେ ଓ ସେମାନଙ୍କ ମଧ୍ୟରୁ କିଛି ଆମ୍ଭର ଅସ୍ୱୀକାର କଲେ । ଅର୍ଥାତ୍ ସେହି ଲୋକମାନଙ୍କ ମଧ୍ୟରେ କେତେକ ଏପରି ଥିଲେ, ଯେଉଁମାନେ ରାତିର ବର୍ଷାକୁ ଦେଖି କହିଲେ; ଆମ ଉପରେ ଅଲ୍ଲାଃଙ୍କ କୃପା ଓ ଦୟା ଅବତୀର୍ଣ୍ଣ ହୋଇଛି, ଏପରି ସେମାନେ ଆମ୍ଭ ଉପରେ ବିଶ୍ୱାସ ସ୍ଥାପନ କରିଥିଲେ । ଆଉ ଯେଉଁମାନେ ଏହା କହିଲେ ଯେ ନକ୍ଷତ୍ରମାନଙ୍କ ପ୍ରଭାବ ଯୋଗୁଁ ବର୍ଷା ହୋଇଛି, ତେବେ ସେମାନେ ଆମ୍ଭର ଅସ୍ୱୀକାର କଲେ ।

ହଜରତ ମେହମୁଦ୍ ବିନ୍ ଲବିବ୍[ର.ଅ] ବର୍ଣ୍ଣନା କରନ୍ତି; ପୁଣ୍ୟଶ୍ଳୋକ କହିଲେ; ମୋତେ ତୁମ ଉପରେ ସବୁଠାରୁ ଅଧିକ ଯେଉଁ ଜିନିଷର ଭୟ ରହିଛି, ତାହା ହେଉଛି ଶିର୍କେ ଅସଗର୍ (କ୍ଷୁଦ୍ର ଅନେକେଶ୍ୱରବାଦୀ) । ସାହାବା ପଚାରିଲେ ହୁଜୁର ଶିର୍କେ ଅସଗର୍ କ'ଣ ? ମହାଭାଗ କହିଲେ; ରିୟା ଅର୍ଥାତ୍ ଲୋକଦେଖାଣିଆ କାର୍ଯ୍ୟ । ସୁତରାଂ ଆମମାନଙ୍କୁ ନିଜର ନିରୀକ୍ଷଣ କରିବା ଉଚିତ୍ । କୌଣସି ମାଧ୍ୟମ ପରକାଳରେ କାମରେ ଆସିବ ନାହିଁ । ଅତଃ କେବଳ ନବୀଶ୍ରେଷ୍ଠଙ୍କ ଅନୁକରଣ କରିବାକୁ ହିଁ ଐଶ୍ୱର୍ଯ୍ୟମୟ ଅଲ୍ଲାଃ ପସନ୍ଦ କରିଥା'ନ୍ତି । ହଜରତ ମୁସଲେହ୍ ମଉଦ[ର.ଅ] ବର୍ଣ୍ଣନା କରନ୍ତି; ହଜରତ ମୁହମ୍ମଦ[ସ.ଅ]ଙ୍କୁ ଦେଖ ସେ କିପରି ବ୍ରହ୍ମଜ୍ଞାନ ସମ୍ପନ୍ନ (ବ୍ୟକ୍ତି) ଥିଲେ । ଯିଏକି ସମସ୍ତ ପ୍ରସଙ୍ଗରେ କିପରି ସୂକ୍ଷ୍ମଦର୍ଶୀ ଓ ସାବଧାନତା ଅବଲମ୍ବନ କରୁଥିଲେ । ଏପରିକି ମହାଭାଗ ସକଳ ମାନବଜାତି ତୁଳନାରେ ସର୍ବଶ୍ରେଷ୍ଠ, ସମ୍ପୂର୍ଣ୍ଣ ଓ ସମସ୍ତ ପ୍ରକାରର ଦୋଷତ୍ରୁଟିରୁ ମୁକ୍ତ ଥିବା ସତ୍ତ୍ୱେ ଅଲ୍ଲାଃଙ୍କ ପ୍ରତି ଭୟ ପୋଷଣ କରୁଥିଲେ । ପୁଣି ତାଙ୍କ ପବିତ୍ରତାର ଅବସ୍ଥା ଏପରି ଥିଲା ଯେ ପ୍ରତିକ୍ଷଣ ସେ ଅଲ୍ଲାଃତାଲାଙ୍କୁ ଭୟ କରୁଥିଲେ । ସତ୍କର୍ମ ଓ ପୁଣ୍ୟ ପରେ ପୁଣ୍ୟ କର୍ମ କରି ଚାଲୁଥିଲେ । ଉତ୍ତମରୁ ଉତ୍ତମ କାର୍ଯ୍ୟ ସମ୍ପାଦନ କରୁଥିଲେ । ଗୋଟିଏ ପରେ ଆଉ ଗୋଟିଏ ସତ୍କର୍ମ କରୁଥିଲେ । ସେ କଦାପି ମନ୍ଦକର୍ମ କରିବା ଅବା ଚିନ୍ତା କରିବାର ହିଁ ପ୍ରଶ୍ନ ଉଠୁ ନାହିଁ । ବରଂ ତାହାର ତ ତିଳେ ମାତ୍ର ଆଶଙ୍କା ମଧ୍ୟ ନଥିଲା । କାରଣ ମହାଭାଗଙ୍କର ପ୍ରତିମୁହୂର୍ତ୍ତ ତ ଈଶ୍ୱରଙ୍କ ପ୍ରତି ଧ୍ୟାନ ଦେବା ଓ ଉପାସନା କରିବାରେ ନିମର୍ଜ୍ଜିତ ରହୁଥିଲେ । ସେ ଅଲ୍ଲାଃଙ୍କୁ ଭୟ କରୁଥିଲେ ଓ କେବଳ ଅଲ୍ଲାଃଙ୍କୁ ହିଁ ଭୟ କରୁଥିଲେ । ଏହା ସତ୍ତ୍ୱେ ନିଜ ଆଡୁ ଯେଭଳି ସମ୍ଭବ ସାବଧାନ ଓ ସତର୍କତା ଅବଲମ୍ବନ କରୁଥିଲେ । **କିନ୍ତୁ ପରାକ୍ରମୀ ଅଲ୍ଲାଃଙ୍କ ବୈଭବ ଓ ଶୌର୍ଯ୍ୟ ଦେଖିବା ମାତ୍ରେ ତାଙ୍କ ଛାମୁରେ ନିଜର ସମସ୍ତ ପୁଣ୍ୟକର୍ମରୁ ବିରତ ହୋଇଯାଉଥିଲେ । ଆଉ କ୍ଷମାଯାଚନା କରିବାରେ ମଗ୍ନ ହୋଇ ଯାଉଥିଲେ** । ସୁତରାଂ ଆପଣଙ୍କ ଈଶ୍ୱରପ୍ରେମର ଅବସ୍ଥା ଏପରି ଥିଲା ଯେ ପ୍ରତ୍ୟେକ ଅବସରରେ ମହାଭାଗଙ୍କ ପବିତ୍ର ମୁଖ ଈଶ୍ୱରଙ୍କ ପ୍ରଶଂସା ଗାନ କରିବାରେ ଭିଜି ରହୁଥିଲା ।

ହଜରତ ସମ୍ରାଃ ବିନ୍ ଜୁନ୍ଦବ୍[ର.ଅ] ବର୍ଣ୍ଣନା କରନ୍ତି, ନବୀ କରୀମ୍[ସ.ଅ] କହିଲେ; ଚାରିଗୋଟି କଥା ସମସ୍ତ ପ୍ରକାରର କଥନରୁ ଉତ୍କୃଷ୍ଟ ଓ ଶ୍ରେଷ୍ଠ । ସେଥି ମଧ୍ୟରୁ ଯେଉଁଟିରୁ ମଧ୍ୟ ତୁମେ (କାର୍ଯ୍ୟ) ଆରମ୍ଭ କରିବ ସେଥିରେ ତୁମକୁ କୌଣସି ପ୍ରକାର କ୍ଷତି ସହ୍ୟ କରିବାକୁ ପଡିବ ନାହିଁ । କାରଣ ତାହା ଦ୍ୱାରା କାର୍ଯ୍ୟ ଆରମ୍ଭ କଲେ ସେହି କାର୍ଯ୍ୟ ଅତ୍ୟନ୍ତ ମଙ୍ଗଳପ୍ରଦ ସାବ୍ୟସ୍ତ ହୋଇଥାଏ । ତାହା କ'ଣ **ପ୍ରଥମ** ସୁବ୍ହାନଲ୍ଲାଃ **ଦ୍ୱିତୀୟ** ଅଲ୍ହମ୍ଦୁଲିଲ୍ଲାଃ **ତୃତୀୟ** ଲାଇଲାହା ଇଲ୍ଲଲ୍ଲାଃ । **ଚତୁର୍ଥ** ଅଲ୍ଲାହୁ ଅକବର୍ ଅର୍ଥାତ୍ ଅଲ୍ଲାଃ ପବିତ୍ର । ସୁତରାଂ ଏହି ଉକ୍ତିଗୁଡ଼ିକୁ ସର୍ବଦା ସ୍ମରଣ ରଖି କାମ କଲେ ସେଥିରେ କଲ୍ୟାଣ ହିଁ କଲ୍ୟାଣ (ଲାଭ) ହେବ । ହଜରତ ଅବୁ ହୁରେରାଃ[ର.ଅ] ବର୍ଣ୍ଣନା କରନ୍ତି, ନବୀ କରୀମ୍[ସ.ଅ]ଙ୍କୁ ଯେତେବେଳେ କୌଣସି ଖୁସି ଖବର ମିଳୁଥିଲା ସେତେବେଳେ ମହାଭାଗ ସଙ୍ଗେସଙ୍ଗେ ଅଲ୍ଲାଃଙ୍କ କୃତଜ୍ଞତା ଜ୍ଞାପନ କରିବା ସକାଶେ ସଜ୍ଦାଃରେ ପଡି ଯାଉଥିଲେ ।

ହଜରତ ମାଜ୍ ବିନ୍ ଜବଲ୍[ର.ଅ] ବର୍ଣ୍ଣନା କରନ୍ତି, ହୁଜୁର[ସ.ଅ] କହିଲେ; **ଅଲ୍ଲାଃତାଲାଙ୍କ ମହିମା ଗାନ କରିବା ଠାରୁ ବଳି ଅନ୍ୟ କୌଣସି ଉପାୟ ତାଙ୍କ ଶାସ୍ତିରୁ ମୁକ୍ତି ପ୍ରଦାନ କରିପାରିବ ନାହିଁ** । ହଜରତ

ଆଏଶା[ରା.ଅ] ଆଉ ଏକ ସ୍ଥାନରେ ବର୍ଣ୍ଣନା କରିଛନ୍ତି; **ମୋତେ ଅଲ୍ଲାଃଙ୍କର (ଏହି) ବିଶେଷ ପୁରସ୍କାର (ଲାଭ) ହୋଇଛି,** ଯେ ମୋ ଗୃହରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କର ନିଧନ ହେଲା ଏବଂ ସେତେବେଳେ ମୋର ପାଳି ଥିଲା, ଆଉ ମହାଭାଗ ମୋ ଛାତି ଓ ହଂସଲି (ଗଳା) ମଧ୍ୟରେ (ନିଜ ପବିତ୍ର କପାଳ) ରଖିଥିଲେ । ପୁଣି ଅଲ୍ଲାଃତାଲା ମହାଭାଗଙ୍କ ଦେହାନ୍ତ ସମୟରେ ମୋ ଲାଳ ଓ ମହାଭାଗଙ୍କ ପବିତ୍ର ଲାଳକୁ ଏକତ୍ରୀତ କଲେ । ତାହା ଏପରିକି ହଜରତ ଅବ୍ଦୁର୍ ରହେମାନ୍ ମୋ ନିକଟକୁ ଆସିଲେ ଏବଂ ତାଙ୍କ ହସ୍ତରେ ମିସୱାକ୍ (ଦାନ୍ତକାଠି) ଥିଲା ଓ ମୁଁ ମହାଭାଗଙ୍କୁ ସାହାରା ଦେଇଥିଲି, ମୁଁ ଦେଖିଲି ହୁଜୁର[ସ.ଅ] ତାଙ୍କ ଆଡ଼କୁ ଚାହିଁଛନ୍ତି । ଆଉ ମୁଁ ଜାଣିଥିଲି ଯେ ହୁଜୁର ମିସୱାକ୍ କରିବାକୁ ପସନ୍ଦ କରନ୍ତି । ଅତଃ ମୁଁ କହିଲି, ହୁଜୁର କ'ଣ ମୁଁ ସେଥିରୁ ଆପଣଙ୍କ ସକାଶେ (ଗୋଟିଏ) ଆଣିଦେବି ? ମହାଭାଗ ହଁ କରିବା ପରି ଇଙ୍ଗିତ କଲେ । ମୁଁ ଏକ ମିସୱାକ୍ ନେଇ ହୁଜୁର[ସ.ଅ]ଙ୍କୁ ଦେଲି କିନ୍ତୁ ତାହା ହୁଜୁର[ସ.ଅ]ଙ୍କୁ ଟାଣ ଲାଗିଲା । ତେଣୁ ମୁଁ କହିଲି ହୁଜୁର କ'ଣ ମୁଁ ତାହା ଆପଣଙ୍କ ସକାଶେ ନରମ କରିଦେବି ? ମହାଭାଗ ହଁ କରିବା ପରି ଇଙ୍ଗିତ କଲେ । ହୁଜୁର[ସ.ଅ]ଙ୍କ ସମ୍ମୁଖରେ ଜଳପାତ୍ର ରହିଥିଲା । ହୁଜୁର ନିଜ ହସ୍ତରେ ଜଳ ସଂଗ୍ରହ କରି ନିଜ ପବିତ୍ର ମୁଖକୁ ଧୋଇଲେ ଓ କହିଲେ; ଲାଇଲାହା ଇଲ୍‌ଲଲ୍ଲାଃ ଯେ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନୁହେଁ । ନିଃସନ୍ଦେହରେ ମୃତ୍ୟୁର କଠିନତା ସହ୍ୟ କରିବାକୁ ପଡିଥାଏ । ତା'ପରେ ମହାଭାଗ ନିଜ ହସ୍ତ ଉଠାଇଲେ ଓ କହିଲେ; ଅର୍‌ରଫିକୁଲ୍ ଆ'ଲା ଏପରିକି ପବିତ୍ର ଅବତାରଙ୍କର କାଳ ହୋଇଗଲା ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଅଲ୍ଲାଃତାଲା ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କୁ ଶେଷ ସମୟରେ ଏହି କ୍ଷମତା ପ୍ରଦାନ କରିଥିଲେ, ଯେ ଯଦି ତୁମେ ଇଚ୍ଛା କର ତେବେ ଏହି ସଂସାରରେ ରହିଯାଅ, ନଚେତ ମୋ ନିକଟକୁ ଚାଲି ଆସ । କିନ୍ତୁ ମହାଭାଗ କହିଲେ; ହେ ମୋର ପାଳନକର୍ତ୍ତା ! ମୁଁ ତୁମ୍ଭ ନିକଟକୁ ଆସିବାକୁ ହିଁ ଚାହେଁ । ଶେଷ ମୁହୂର୍ତ୍ତରେ ଯେତେବେଳେ ମହାଭାଗଙ୍କ ପ୍ରାଣବାୟୁ ଏହି ନଶ୍ୱର ସଂସାରରୁ ବାହୁଡ଼ି ଗଲା ସେତେବେଳେ ମହାଭାଗଙ୍କ ପବିତ୍ର ମୁଖରେ ଏହି ଉକ୍ତି ଜାରି ରହିଥିଲା ଅର୍ଥାତ୍ ବିର୍‌ରଫିକୁଲ୍ ଆ'ଲା ଯେ ଏବେ ମୁଁ ଏହି ସ୍ଥଳେ ରହିବାକୁ ପସନ୍ଦ କରୁ ନାହିଁ, ମୁଁ ନିଜ ପାଳନକର୍ତ୍ତାଙ୍କ ନିକଟକୁ ଚାଲି ଯିବାକୁ ଚାହୁଁଛି । ଅଲ୍ଲାହୁମ୍ମା ସଲ୍ଲେ ଆଲା ମୁହମ୍ମଦିନ୍ ୱ୍ ବାରିକ୍ ୱ୍ ସଲ୍ଲିମ୍ ଇନ୍ନକା ହମିଦୁନ୍ ମଜିଦ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ୍ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱ୍ଲ୍ ଇହ୍‌ସାନି ୱ୍ଇତାଇଜିଲ କୁର୍‌ବା ୱ୍ୟନ୍‌ହା ଅନିଲ୍ ଫହ୍‌ଶାଇ ୱ୍ଲ୍ ମୁନ୍‌କରି ୱ୍ଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

30th January 2026

*Translated to Odia by :* Moulavi Anwar Ahmad Khan